# NATIONAL NEWS BULLETIN (ODIA)

## 27 August - 2025

### Morning Bulletin : 7.15 A.M.

*************************************************

## ମୁଖ୍ୟ ସମ୍ବାଦ

- ଭାରତ-କୁଏତ୍ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ ଏବଂ ରଣନୈତିକ ଭାଗିଦାରୀ ସୁଦୃଢ଼ ନେଇ ବୈଦେଶିକ କାର୍ଯ୍ୟାଳୟ ପରାମର୍ଶଦାତା ବୈଠକ ଅନୁଷ୍ଠିତ
- ଗହମର ମୂଲ୍ୟ ନିୟନ୍ତ୍ରଣ ପାଇଁ ସରକାର ଲାଗୁ କଲେ ଗଚ୍ଛିତ ସୀମା
- ଆଜିଠାରୁ ଉଜ୍ଜୟିନୀଠାରେ ଆରମ୍ଭ ହେଉଛି ବିଶ୍ୱ ଆଧ୍ୟାତ୍ମିକ ସମ୍ମିଳନୀ
- ଜାମ୍ମୁ କାଶ୍ମୀରରେ ପ୍ରବଳ ବର୍ଷା କାରଣରୁ ୧୦ ଜଣଙ୍କର ମୃତ୍ୟୁ, ୧୮ଟି ଟ୍ରେନ୍ ବାତିଲ

ଏବଂ

- ଦେଶବ୍ୟାପୀ ଆଜି ପାଳିତ ହେଉଛି ଗଣେଶ ପୂଜା

## ଇଣ୍ଡିଆ-କୁଏତ

ଭାରତ ଏବଂ କୁଏତ ମଧ୍ୟରେ ନୂଆଦିଲ୍ଲୀଠାରେ ସପ୍ତମ ପର୍ଯ୍ୟାୟ ବୈଦେଶିକ କାର୍ଯ୍ୟାଳୟ ପରାମର୍ଶଦାତା ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଦୁଇ ଦେଶର ଅଧିକାରୀଙ୍କ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ ଏବଂ ବିଭିନ୍ନ କ୍ଷେତ୍ରରେ ରଣନୀତିକ ଭାଗିଦାରୀକୁ ସୁଦୃଢ଼ ନେଇ ଭିନ୍ନ ଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଅସୀମ ମହାଜନ ଏବଂ କୁଏତ ମନ୍ତ୍ରଣାଳୟ ବୈଦେଶିକ

ବ୍ୟାପାର ମନ୍ତ୍ରଣାଳୟ ଏସିଆ ବ୍ୟାପାର ସହ ବୈଦେଶିକ ଅଧିକାରୀ ତଥା ରାଷ୍ଟ୍ରଦୂତ ସାମୀ ଏସା ଜୋହାନ୍ ହାଏତ୍ ଏଥିରେ ଅଧ୍ୟକ୍ଷତା କରିଥିଲେ । ଉଭୟ ପକ୍ଷ ଦୁଇଦେଶ ମଧ୍ୟରେ ସଂପର୍କକୁ ନିବିଡ଼ କରିବା ଏବଂ ବିଭିନ୍ନ ବିକାଶମୂଳକ ରୋଡ୍‌ମ୍ୟାପ କାର୍ଯ୍ୟକାରୀ କରିବା ଉପରେ ସହମତି ପ୍ରକାଶ କରିଥିଲେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କୁଏତକୁ ୨୦୨୪ ଡିସେମ୍ବରରେ ଗସ୍ତ କରିବା ସମୟରେ ତାଙ୍କ ନେତୃତ୍ୱରେ ବିଭିନ୍ନ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଥିଲା । ସମନ୍ୱୟ ସ୍ଥାପନ ନିମନ୍ତେ ମିଳିତ ଆୟୋଗ ଅଧୀନରେ ମିଳିତ କାର୍ଯ୍ୟକାରୀ ଗୋଷ୍ଠୀ ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ପାଇଁ ନିଷ୍ପତ୍ତି ନିଆଯାଇଥିଲା । କୁଏତଠାରେ ପରବର୍ତ୍ତୀ ପର୍ଯ୍ୟାୟ ବୈଦେଶିକ କାର୍ଯ୍ୟାଳୟ ପରାମର୍ଶଦାତା ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି ।

# ଇଣ୍ଡିଆ-ଏସ୍ଏ ଏଗ୍ରି ଜଏଣ୍ଟ ମିଟିଂ

ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଗତକାଲି କୃଷି ସଂକ୍ରାନ୍ତରେ ପଞ୍ଚମ ମିଳିତ କାର୍ଯ୍ୟକାରୀ ଗୋଷ୍ଠୀ ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଛି । କୃଷି ଏବଂ ଏ ସଂପର୍କିତ କ୍ଷେତ୍ରରେ ଦୁଇପାକ୍ଷିକ ସହଯୋଗକୁ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ହୋଇଥିଲା । ଦୁଇପକ୍ଷଙ୍କ ମଧ୍ୟରେ ଜ୍ଞାନ ବିନିମୟ, ମିଳିତ ଗବେଷଣା ପଦକ୍ଷେପ, କ୍ଷମତା ଗଠନ ଏବଂ ବଜାର ସୁବିଧା ପ୍ରସଙ୍ଗ ସମେତ କୃଷି ସଂପର୍କିତ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । ଭାରତୀୟ କୃଷି ଗବେଷଣା ପରିଷଦ ଏବଂ ଦକ୍ଷିଣ ଆଫ୍ରିକା କୃଷି ଗବେଷଣା ପରିଷଦ ମଧ୍ୟରେ ସମନ୍ୱୟ ସ୍ଥାପନ ସୁଦୃଢ଼ କରିବା

ସହ ଏ କ୍ଷେତ୍ରରେ ରହିଥିବା ସମସ୍ତ ସୁଯୋଗକୁ ବ୍ୟାପକ କରିବା ନେଇ ଆଲୋଚନା ହୋଇଥିଲା ।

ବୈଠକରେ କୃଷି ଏବଂ କୃଷକ କଲ୍ୟାଣ ବିଭାଗର ଯୁଗ୍ମ ସଚିବ ଅଜିତ କୁମାର ସାହୁ ଏବଂ ଦକ୍ଷିଣ ଆଫ୍ରିକାର ଆନ୍ତର୍ଜାତିକ ବାଣିଜ୍ୟ ପ୍ରୋତ୍ସାହନ କାର୍ଯ୍ୟକାରୀ ନିର୍ଦ୍ଦେଶକ ଥାପ୍‌ସାନା ମୁଲେପୋ ମିଳିତ ଅଧ୍ୟକ୍ଷତା କରିଥିଲେ ।

## ଗଭ୍-ହ୍ୱିଟ୍ ଷ୍ଟକ୍ ଲିମିଟ୍

ସାମଗ୍ରିକ ଖାଦ୍ୟ ସୁରକ୍ଷା ଏବଂ ଗଚ୍ଛିତ ଓ ଅସାଧୁ ଶସ୍ୟ ସଂଗ୍ରହକୁ ରୋକିବା ନିମନ୍ତେ ସରକାର ଗହମ ଉପରେ ଗଚ୍ଛିତ ସୀମା ଲାଗୁ କରିଛନ୍ତି । ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ପାଇକାରୀ ଓ ଖୁଚୁରା ବ୍ୟବସାୟୀ ଏବଂ ପ୍ରକ୍ରିୟାକରଣକାରୀଙ୍କ ପାଇଁ ଏହି ଗଚ୍ଛିତ ସୀମା ଲାଗୁ କରାଯିବ । ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ବ୍ୟବସାୟୀ ଏବଂ ପାଇକାରୀଙ୍କ ପାଇଁ ଥିବା ଗଚ୍ଛିତ ସୀମା ୩ ହଜାର ମେଟ୍ରିକ୍ ଟନ୍‌ରୁ ୨ ହଜାର ମେଟ୍ରିକ୍ ଟନ୍‌କୁ ହ୍ରାସ କରାଯାଇଛି ।

ସେହିପରି ଖୁଚୁରା ବ୍ୟବସାୟୀଙ୍କ ପାଇଁ ଗଚ୍ଛିତ ସୀମା ୮ ମେଟ୍ରିକ୍ ଟନ୍ ରଖାଯାଇଛି । ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ଗହମ ମହଜୁଦକାରୀ ସଂସ୍ଥାଗୁଡ଼ିକୁ ପ୍ରତି ଶୁକ୍ରବାର ଦିନ ଗହମ ମହଜୁଦ ପୋର୍ଟାଲରେ ଗଚ୍ଛିତ ସ୍ଥିତି ଘୋଷଣା ପାଇଁ କୁହାଯାଇଛି । ଆଗାମୀ ପାର୍ବଣ ଋତୁ ପୂର୍ବରୁ ଗହମର ମୂଲ୍ୟ ନିୟନ୍ତ୍ରଣ କରିବା ପାଇଁ ନିରନ୍ତର ପ୍ରୟାସ ସ୍ୱରୂପ ସରକାର ଆସନ୍ତାବର୍ଷ ମାର୍ଚ୍ଚ ୩୧

ତାରିଖ ପର୍ଯ୍ୟନ୍ତ ଗହମ ମହଜୁଦ ସୀମା ସଂଶୋଧନ କରିବାକୁ ନିଷ୍ପତ୍ତି ନେଇଛନ୍ତି ।

ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୨୪-୨୫ ବର୍ଷରେ ମୋଟ୍ ୧ ହଜାର ୧୭୫ ଲକ୍ଷ ଟନ୍‌ରୁ ଅଧିକ ଗହମ ଉତ୍ପାଦନ ରେକର୍ଡ କରାଯାଇଥିଲା । କେନ୍ଦ୍ର ସରକାର ରାଜ୍ୟ ଏଜେନ୍ସୀ ଏବଂ ଭାରତୀୟ ଖାଦ୍ୟ ନିଗମ ମାଧ୍ୟମରେ ୨୦୨୫-୨୬ର ବିପଣନ ଋତୁରେ ୩ଶହ ଲକ୍ଷ ଟନ୍‌ରୁ ଅଧିକ ଗହମ କ୍ରୟ କରିଛନ୍ତି । ଏହା ଆବଶ୍ୟକତା ପୂରଣ ପାଇଁ ଯଥେଷ୍ଟ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଖାଦ୍ୟ ଏବଂ ସାଧାରଣ ବଣ୍ଟନ ବିଭାଗ ଗହମର ମୂଲ୍ୟ ନିୟନ୍ତ୍ରଣ ଏବଂ ଦେଶରେ ସହଜ ଉପଲବ୍ଧତାକୁ ସୁନିଶ୍ଚିତ କରିବା ପାଇଁ ଗହମର ଗଚ୍ଛିତ ସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିଛନ୍ତି ।

## ଉଜ୍ଜୟିନୀ ସ୍ପେଶାଲ କନ୍‌କ୍ଲେଭ୍

ମଧ୍ୟପ୍ରଦେଶର ବିଜେପି ନେତୃତ୍ୱାଧୀନ ସରକାର ପକ୍ଷରୁ ଆଜି ଉଜ୍ଜୟିନୀଠାରେ ବିଶ୍ୱ ଅଧ୍ୟାତ୍ମିକ ସମ୍ମିଳନୀ ଆୟୋଜନ କରାଯାଇଛି । ପର୍ଯ୍ୟଟନ ମନ୍ତ୍ରଣାଳୟ ଏବଂ ପର୍ଯ୍ୟଟନ ବିଭାଗର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କ ଉପସ୍ଥିତିରେ କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା କାର୍ଯ୍ୟସୂଚୀ ରହିଛି । ଏହି ସମ୍ମିଳନୀରେ ଭାରତ ଏବଂ ଭାରତ ବାହାରୁ ଆଧ୍ୟାତ୍ମିକ ନେତା, ଚିନ୍ତକ, ଦିବ୍ୟଦର୍ଶୀଙ୍କ ସମେତ ୩ଶହରୁ ଊର୍ଦ୍ଧ୍ୱ ବ୍ୟକ୍ତିବିଶେଷ ଯୋଗଦେବେ । ପ୍ରଖ୍ୟାତ ଆଧ୍ୟାତ୍ମିକ ନେତା ଗୌରାଙ୍ଗ ଦାସ ଅଭିଭାଷଣ ପ୍ରଦାନ କରିବେ । ସରକାରଙ୍କ ପକ୍ଷରୁ

କୁହାଯାଇଛି, ସାଂସ୍କୃତିକ ଐତିହ୍ୟ ଏବଂ ଦାୟିତ୍ୱପୂର୍ଣ୍ଣ ଆତିଥ୍ୟ ଉପରେ ବିଚାରକୁ ପ୍ରୋତ୍ସାହିତ କରିବା ଏହି ସମ୍ମିଳନୀର ଲକ୍ଷ୍ୟ ରହିଛି ।

ମଧ୍ୟପ୍ରଦେଶ ପର୍ଯ୍ୟଟନ ବିଭାଗ ପକ୍ଷରୁ କୁହାଯାଇଛି, ଏହି ସମ୍ମିଳନୀ କେବଳ ପର୍ଯ୍ୟଟନ ଶିଳ୍ପ ଉପକୃତ ହେବ ତାହା ନୁହେଁ, ବରଂ ଏହା ଭାରତର ଆଧ୍ୟାତ୍ମିକ ଚିନ୍ତାଧାରାକୁ ଆଧୁନିକତା ସହ ସଂଯୋଗ ସ୍ଥାପନ କରିବ । ଏହି କାର୍ଯ୍ୟକ୍ରମ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ଅଧ୍ୟାତ୍ମିକ ପରମ୍ପରାକୁ ସମଗ୍ର ବିଶ୍ୱକୁ ଦର୍ଶାଇବାର ଏକ ବିଶ୍ୱଶ୍ରେଣୀୟ ମଞ୍ଚ ଉପସ୍ଥାପନ କରିବ ବୋଲି କୁହାଯାଇଛି ।

## ଜେକେ-ରେନ୍‌ଫଲ୍

ଜାମ୍ମୁ କାଶ୍ମୀର ଅଞ୍ଚଳରେ ପ୍ରବଳ ବର୍ଷା କାରଣରୁ ୧୦ଜଣଙ୍କର ମୃତ୍ୟୁ ଘଟିଛି । ଜାମ୍ମୁ ଡିଭିଜନରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ମାତା ବୈଷ୍ଣୋଦେବୀ ମନ୍ଦିରକୁ ଯାତ୍ରା ମଧ୍ୟ ବାତିଲ କରାଯାଇଛି । ତ୍ରିକୂଟ ପର୍ବତକୁ ଯାଉଥିବା ରାସ୍ତାରେ ବର୍ଷା କାରଣରୁ ଭୂସ୍ଖଳନ ଯୋଗୁଁ ୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୮ ଜଣ ଆହତ ହୋଇଛନ୍ତି । ହିମକୋଟି ରାସ୍ତାକୁ ବନ୍ଦ କରାଯାଇଛି । ସେହିପରି ଡୋଡା ଜିଲ୍ଲାରେ ୪ଜଣ ଲୋକଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ଜାମ୍ମୁ ଅଞ୍ଚଳରେ ବିଦ୍ୟୁତ୍ ସେବା ଏବଂ ଇଣ୍ଟରନେଟ୍ ସେବା ବାଧାପ୍ରାପ୍ତ ହୋଇଛି । ଜରୁରୀକାଳୀନ ସେବା ବ୍ୟତୀତ ସମସ୍ତ ସରକାରୀ କାର୍ଯ୍ୟାଳୟ ଆସନ୍ତାକାଲି ବନ୍ଦ ରହିବ ବୋଲି ଘୋଷଣା କରାଯାଇଛି । ତାଉମି, ଚେନାବ, ନେରୁ ଏବଂ କାଲାଇ ନଦୀର ଜଳସ୍ତର ବିପଦ ସଂକେତ ଉର୍ଦ୍ଧ୍ୱରେ ଥିବା ଜଣାପଡ଼ିଛି ।

ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବର୍ଷା ହେବାର ସତର୍କ ସୂଚନା ଦିଆଯାଇଛି । ଜାମ୍ମୁ କାଶ୍ମୀର ସ୍କୁଲ୍ ଶିକ୍ଷା ବୋର୍ଡ ପକ୍ଷରୁ ଦଶମ ଏବଂ ଏକାଦଶ ଶ୍ରେଣୀ ପରୀକ୍ଷାକୁ ମଧ୍ୟ ସ୍ଥଗିତ ରଖାଯାଇଛି । ଜାମ୍ମୁ କର୍ତ୍ତୃପକ୍ଷ ପକ୍ଷରୁ ସମସ୍ତ ବିଭାଗକୁ ସତର୍କ ସୂଚନା ଜାରି କରାଯାଇଛି ।

## ଜେକେ ରେନ୍-ଟ୍ରେନ୍ କ୍ୟାନ୍ସେଲ୍

ଜାମ୍ମୁ ଅଞ୍ଚଳରେ ପ୍ରବଳ ବର୍ଷା କାରଣରୁ ଉତ୍ତରାଞ୍ଚଳ ରେଳବାଇ ପକ୍ଷରୁ କାଟ୍ରା, ଉତ୍ତମପୁର ଏବଂ ଜାମ୍ମୁ ରେଳଷ୍ଟେସନରୁ ଯାଉଥିବା ଏବଂ ଆସୁଥିବା ୧୮ଟି ଟ୍ରେନ୍‌କୁ ବାତିଲ କରାଯାଇଛି । ରେଳବାଇ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୧୮ଟି ଟ୍ରେନ୍‌ର ଯାତ୍ରାକୁ ସ୍ଥଗିତ ରଖାଯାଇଥିବା ବେଳେ ୪ଟି ଟ୍ରେନ୍‌ର ଚଳାଚଳକୁ ଆଂଶିକ ବାତିଲ କରାଯାଇଛି । ବାତିଲ ହୋଇଥିବା ଟ୍ରେନ୍ ମଧ୍ୟରୁ କାଟ୍ରାରୁ ୭ଟି,ଉଦ୍ଧମପୁରରୁ ୨ଟି ଏବଂ ଜାମ୍ମୁରୁ ଗୋଟିଏ ଟ୍ରେନ୍ ଚଳାଚଳ ଅନ୍ତର୍ଭୁକ୍ତ । ଅପରପକ୍ଷେ କାଟ୍ରା-ଶ୍ରୀନଗର ମଧ୍ୟରେ ଟ୍ରେନ୍ ଚଳାଚଳ ଜାରି ରହିଛି । ଗତ ସୋମବାର ରାତିରୁ ଜାମ୍ମୁ ଅଞ୍ଚଳରେ ପ୍ରବଳ ବର୍ଷା କାରଣରୁ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହେବା ସହ କେତେକ ପୋଲ ଭାଙ୍ଗିରୁଜି ଯାଇଛି । ସେଠାକାର ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି ।

ଜାମ୍ମୁ କାଶ୍ମୀର ଚୟନ ବୋର୍ଡ ସେବା ପକ୍ଷରୁ ଆସନ୍ତା ୩୧ ତାରିଖରେ ହେବାକୁ ଥିବା ଜୁନିୟର ଇଞ୍ଜିନିୟର ପରୀକ୍ଷାକୁ ସ୍ଥଗିତ ରଖାଯାଇଛି । ଏହି ପରୀକ୍ଷା ସଂପର୍କରେ ପରବର୍ତ୍ତୀ ତାରିଖ ଘୋଷଣା କରାଯିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି ।

# ପଞ୍ଜାବ ଫ୍ଲଡ୍

ପଞ୍ଜାବରେ ବନ୍ୟା ପରିସ୍ଥିତି ଗୁରୁତର ରହିଛି । ରାଜ୍ୟରେ ଥିବା ରବି ବ୍ୟାସ ଏବଂ ସତ୍‌ଲେଜ୍ ନଦୀରେ ଜଳସ୍ତର ବୃଦ୍ଧି ପାଉଥିବା ସୂଚନା ମିଳିଛି । ବିଭିନ୍ନ ଜିଲ୍ଲାରେ ବର୍ଷା ଓ ବନ୍ୟା କାରଣରୁ ସତର୍କତା ଜାରି କରାଯାଇଛି । ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ପଞ୍ଜାବରେ ଗତ ୪୮ ଘଣ୍ଟା ଧରି ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ରାଜ୍ୟର ପଠାନକୋଟ, ଗୁରୁଦାସପୁର, ଫାଜିଲକା, ଫିରୋଜପୁର, ହୁସିଆରପୁର, କାପୁରଥାଲା ଆଦି ଅଞ୍ଚଳରେ ସତର୍କ ସୂଚନା ଜାରି କରାଯାଇଛି ।

# ଗଣେଶପୂଜା

ଦେଶବ୍ୟାପୀ ଆଜି ଗଣେଶ ପୂଜା ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପାଳନ କରାଯାଉଛି । ମହାରାଷ୍ଟ୍ରରେ ୧୦ଦିନ ବ୍ୟାପି ଏହି ଗଣପତି ପର୍ବ ଆଜିଠାରୁ ଆରମ୍ଭ ହୋଇଛି ।  ମହାରାଷ୍ଟ୍ରରେ ଅନନ୍ତ ଚତୁର୍ଦ୍ଦଶୀ ଦିନ ଏହି ପର୍ବ ଉଦ୍‌ଯାପିତ ହୋଇଥାଏ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଣେଶ ଚତୁର୍ଥୀ ଅବସରରେ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ତାଙ୍କ ବାର୍ତ୍ତାରେ ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ସମଗ୍ର ଦେଶରେ ଏହି ପର୍ବ ଅତ୍ୟନ୍ତ ଶ୍ରଦ୍ଧା ଓ ଉତ୍ସାହର ସହ ପାଳନ କରାଯାଉଛି । ଭଗବାନ ଗଣେଶ ବୁଦ୍ଧି ଏବଂ ପ୍ରାଣୀମାନଙ୍କର କଲ୍ୟାଣର ପ୍ରତୀକ ଭାବେ ପୂଜା ପାଇଥାନ୍ତି । ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ନୂତନ ଜୀବନ ଆରମ୍ଭ କରିବା ଏବଂ ବାଧାବିଘ୍ନକୁ ଦୂରେଇବା ପାଇଁ ଭଗବାନ ଗଣେଶଙ୍କୁ ଆରାଧନା

କରାଯାଇଥାଏ । ଏହି ପର୍ବ ମାନବ ଜାତି ମଧ୍ୟରେ  ନୂତନ ଲକ୍ଷ୍ୟ ଏବଂ ସକାରାତ୍ମକ ଭାବନା ସୃଷ୍ଟି କରିଥାଏ ।

## ୟୁଏସ୍ ଓପନ୍

ନିଉୟର୍କର ଅର୍ଥୋରଅସ୍ ଷ୍ଟାଡିୟମ୍‌ଠାରେ ଚାଲିଥିବା ୟୁଏସ୍ ଓପନ୍ ଟେନିସ୍ ଟୁର୍ଣ୍ଣାମେଣ୍ଟରେ ପୂର୍ବତନ ବିଶ୍ୱ ଚମ୍ପିୟାନ୍ ଇଗା ସ୍ୱିତେକ୍’ ଏମିଲିଆନା ଆରାଙ୍ଗାଙ୍କୁ ୬-୧ , ୬-୨ ସେଟ୍‌ରେ ପରାସ୍ତ କରି ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ସ୍ୱିତେକ୍ ଆସନ୍ତାକାଲି ନେଦରଲ୍ୟାଣ୍ଡର ସୁଜାନ୍ ଲାମେନ୍‌ଙ୍କୁ ଭେଟିବେ ।